# NATIONAL NEWS BULLETIN (ODIA)
## 2 January - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆସନ୍ତାକାଲି ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷର ଆନ୍ତର୍ଜାତିକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଇଲେକ୍ଟ୍ରୋନିକ୍ସ ଉପାଦାନ ଉତ୍ପାଦନ ଯୋଜନାର ତୃତୀୟ ପର୍ଯ୍ୟାୟରେ ୨୨ଟି ନୂତନ ପ୍ରସ୍ତାବକୁ ମିଳିଲା ଅନୁମୋଦନ ।

– ନିବେଶ ହେବ ୪୧ ହଜାର ୮୬୩ କୋଟି ଟଙ୍କା ।

- ଦେଶର କୃଷକମାନଙ୍କ ଆୟ ବୃଦ୍ଧି କରିବା ସରକାରଙ୍କ ପ୍ରମୁଖ ପ୍ରାଥମିକତା କହିଲେ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ।
- ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ପ୍ରଗତି ପ୍ଲାଟ୍‌ଫର୍ମର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଏବଂ

- ଭାରତୀୟ ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ ହେଲେ ନେଦରଲ୍ୟାଣ୍ଡର ସୋଏର୍ଡ୍ ମାରିଜନେ ।

## ପିଏମ୍-ପିପ୍ରାହ୍ବା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀର ରାୟ ପିଥୋରା ସାଂସ୍କୃତିକ କମ୍ପ୍ଲେକ୍ସରେ ଭଗବାନ ବୁଦ୍ଧଙ୍କ ସହ ଜଡ଼ିତ ପବିତ୍ର ପିପରହୱା ଅବଶେଷର ଆନ୍ତର୍ଜାତିକ ପ୍ରଦର୍ଶନକୁ ଉଦ୍‌ଘାଟନ କରିବେ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଏହି ପ୍ରଦର୍ଶନୀ ଭଗବାନ ବୁଦ୍ଧଙ୍କ ମହାନ ଚିନ୍ତାଧାରାକୁ ଆହୁରି ଲୋକପ୍ରିୟ କରିବା ପାଇଁ ତାଙ୍କ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି । ସେ କହିଛନ୍ତି, ଏହା ଦେଶର ଯୁବପିଢ଼ି ଏବଂ ଏହାର ସମୃଦ୍ଧ ସଂସ୍କୃତି ମଧ୍ୟରେ ସମ୍ପର୍କକୁ ଆହୁରି ନିବିଡ଼ କରିବା ପାଇଁ ଏକ ପ୍ରୟାସ । ପ୍ରଧାନମନ୍ତ୍ରୀ କହିଛନ୍ତି, ପିପରହୱାରୁ ପ୍ରାମାଣିକ ଅବଶେଷ ଏବଂ ପ୍ରତ୍ନତାତ୍ତ୍ୱିକ ସାମଗ୍ରୀ, ଜାତୀୟ ସଂଗ୍ରହାଳୟ ନୂଆଦିଲ୍ଲୀ ଏବଂ ଭାରତୀୟ ସଂଗ୍ରହାଳୟ କୋଲକାତାର ସଂଗ୍ରହରେ ସଂରକ୍ଷିତ ଅଛି । ଏହି ଅବଶେଷ ଗୁଡ଼ିକର ପୁନରୁଦ୍ଧାର ପାଇଁ କାର୍ଯ୍ୟ କରିଥିବା ପ୍ରତ୍ୟେକଙ୍କୁ ଶ୍ରୀ ମୋଦୀ ପ୍ରଶଂସା କରିଛନ୍ତି ।

## ସେଣ୍ଟର-ଇଲେକ୍ଟ୍ରୋନିକ୍ସ

କେନ୍ଦ୍ର ସରକାର ଇଲେକ୍ଟ୍ରୋନିକ୍ସ ଉପାଦାନ ଉତ୍ପାଦନ ଯୋଜନାର ତୃତୀୟ ପର୍ଯ୍ୟାୟରେ ୨୨ଟି ନୂତନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏଥିରେ ୪୧ ହଜାର ୮୬୩ କୋଟି ଟଙ୍କା ନିବେଶ କରାଯିବ । ପ୍ରସ୍ତାବିତ

ଅନୁମୋଦନ ଗୁଡ଼ିକ ମୋବାଇଲ୍ ନିର୍ମାଣ, ଟେଲିକମ୍, କଞ୍ଜ୍ୟୁମର୍ ଇଲେକ୍ଟ୍ରୋନିକ୍ସ, ଷ୍ଟ୍ରାଟାଜିକ୍ ଇଲେକ୍ଟ୍ରୋନିକ୍ସ, ଅଟୋମୋଟିଭ୍ ଏବଂ ଆଇ.ଟି. ହାର୍ଡୱେ୍ୟାର୍ ସମେତ ୧୧ଟି ଉତ୍ପାଦର ଉତ୍ପାଦନକୁ ଅନ୍ତର୍ଭୁକ୍ତ କରୁଛି । ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ୨ ଲକ୍ଷ ୫୮ ହଜାର କୋଟି ଟଙ୍କାର ଉତ୍ପାଦନ ସୃଷ୍ଟି ହେବା ସହ ପ୍ରାୟ ୩୪ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

ଏହି ଅବସରରେ ଇଲେକ୍ଟ୍ରୋନିକ୍ସ ଏବଂ ଆଇ.ଟି. ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପ୍ରମୁଖ ସଂସ୍କାର କାର୍ଯ୍ୟକାରି କରିବା ଏବଂ କାର୍ଯ୍ୟାନ୍ୱୟନର ଶୀଘ୍ରତା ମୋଦୀ ସରକାରଙ୍କ ପ୍ରମୁଖ ପ୍ରାଥମିକତା । ସେ ଇଲେକ୍ଟ୍ରୋନିକ୍ସ କମ୍ପୋନେଟ୍ ନିର୍ମାତାମାନଙ୍କୁ ଡିଜାଇନ୍ ଟିମ୍ ପ୍ରତିଷ୍ଠା କରିବାକୁ ଉତ୍ସାହିତ କରିବା ସହ ଏକ ସାଧାରଣ ଡିଜାଇନ୍ ଇକୋସିଷ୍ଟମ୍‌ର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଶ୍ରୀ ବୈଷ୍ଣବ ଶିଳ୍ପକୁ ସ୍ଥାନୀୟ ସମ୍ବଳ ଉପରେ ଧ୍ୟାନ ଦେବା ସହ ପ୍ରତିଯୋଗିତାମୂଳକ ବିଶ୍ୱ ବଜାରରେ ଉତ୍ପାଦର ଉଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ୨୦୨୬କୁ ଏକ ଐତିହାସିକ ବର୍ଷ ବୋଲି ଅଭିହିତ କରି ମନ୍ତ୍ରୀ ଘୋଷଣା କରିଛନ୍ତି, ଏହି ବର୍ଷରେ ୪ଟି ସେମିକଣ୍ଡକ୍ଟର ୟୁନିଟ୍ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିବାକୁ ଯାଉଛି । ଇଲେକ୍ଟ୍ରୋନିକ୍ସ ଯୋଗାଣ ଶୃଙ୍ଖଳରେ ଭାରତକୁ ଆତ୍ମନିର୍ଭର କରିବା ପାଇଁ ଇଲେକ୍ଟ୍ରୋନିକ୍ସ ଉପାଦାନ ଉତ୍ପାଦନ ଯୋଜନା ଆରମ୍ଭ କରାଯାଇଥିଲା ।

# ଶିବରାଜ-ଫାର୍ମହାଉସ୍

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, କୃଷକଙ୍କ ଆୟ ବୃଦ୍ଧି କରିବା କେନ୍ଦ୍ର ସରକାରଙ୍କ ପ୍ରମୁଖ ପ୍ରାଥମିକତା ହୋଇ ରହିଛି । ନାସିକ୍‌ରେ ମନ୍ତ୍ରୀ କହିଛନ୍ତି, କୃଷକଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି । କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପ୍ରୟାସ ଜାରି ରହିବ ବୋଲି ଶ୍ରୀ ଚୌହାନ କହିଛନ୍ତି ।

**V/O**

# ଭିପି-ଚେନ୍ନାଇ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ତି, ଭାରତ ୨୦୪୭ ପୂର୍ବରୁ ବିକଶିତ ରାଷ୍ଟ୍ରରେ ପରିଣତ ହେବ । ଆଜି ଚେନ୍ନାଇର ଡକ୍ଟର ଏମ୍.ଜି.ଆର୍. ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ ବିଶ୍ୱବିଦ୍ୟାଳୟରେ ସମାବର୍ତ୍ତନ ଭାଷଣ ଦେବା ଅବସରରେ ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି, ଭାରତ ଖୁବ୍ ଶୀଘ୍ର ବିଶ୍ୱର ତୃତୀୟ ବୃହତମ ଅର୍ଥନୀତି ହେବ । ବିଶ୍ୱବିଦ୍ୟାଳୟ ଶିକ୍ଷା ପରେ ମଧ୍ୟ ଜ୍ଞାନକୁ ଆହରଣର ପ୍ରବୃତ୍ତିକୁ ବଜାୟ ରଖିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ପ୍ରଯୁକ୍ତିବିଦ୍ୟା ବହୁ ପରିବର୍ତ୍ତନ ଆଣିଛି ଏବଂ ଛାତ୍ରଛାତ୍ରୀମାନେ ସମୟ ଅନୁସାରେ ନିଜକୁ ପରିବର୍ତ୍ତନ

କରିବା ଉପରେ ଉପରାଷ୍ଟ୍ରପତି ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଉପରାଷ୍ଟ୍ରପତି ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ବ୍ୟକ୍ତିମାନଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ ।

## କ୍ୟାବିନେଟ୍-ପ୍ରଗତି

କ୍ୟାବିନେଟ୍ ସଚିବ ଟି.ଭି. ସୋମନାଥନ୍ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଜନକଲ୍ୟାଣ କେନ୍ଦ୍ରୀତ ପ୍ଲାଟ୍‌ଫର୍ମ ସକ୍ରିୟ ଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ 'ପ୍ରଗତି'ର କଳ୍ପନା କରିଥିଲେ । ପ୍ରଗତିର ଉଦ୍ଦେଶ୍ୟ ହେଉଛି, ସମସ୍ୟା ଏବଂ ବାଧାର ସମ୍ମୁଖୀନ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସମନ୍ୱୟକୁ ଉନ୍ନତ କରିବା । ପ୍ରଗତିର ୫୦ତମ ବୈଠକରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ସୋମନାଥନ୍ କହିଛନ୍ତି, ଏହା ଏକ ବ୍ୟବସ୍ଥା, ଯାହା ୧୦ ବର୍ଷ ଧରି କାର୍ଯ୍ୟକାରୀ ହେଉଛି । ପ୍ରଗତି ବ୍ୟବସ୍ଥା କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ସକ୍ରିୟ ସହଯୋଗ ମାଧ୍ୟମରେ ପ୍ରକଳ୍ପ ମନିଟିରିଂ, ନାଗରିକଙ୍କ ଅଭିଯୋଗ ସମାଧାନ ଏବଂ ଯୋଜନା କାର୍ଯ୍ୟାନ୍ୱୟନର ସମୀକ୍ଷା ପାଇଁ ଏକ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ଲାଟ୍‌ଫର୍ମ ନିୟୋଜିତ କରେ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନିର୍ଦ୍ଦିଷ୍ଟ ପ୍ରକଳ୍ପ ଏବଂ ଯୋଜନାଗୁଡ଼ିକରେ ସମସ୍ୟାର ସମାଧାନ ପାଇଁ ରାଜ୍ୟଗୁଡ଼ିକର ମୁଖ୍ୟ ସଚିବ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗର

ସଚିବମାନଙ୍କ ସହିତ ସିଧାସଳଖ ପ୍ରଗତି ସମୀକ୍ଷା ବୈଠକର ଅଧ୍ୟକ୍ଷତା କରନ୍ତି ।

## ପିଏମ୍-ଫ୍ଲାୱାର୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୃଜନଶୀଳତା, ସ୍ଥାୟୀତ୍ୱ ଏବଂ ସାମୂହିକ ଅଂଶଗ୍ରହଣକୁ ଏକତ୍ର କରିବାରେ ଅହମ୍ମଦାବାଦ୍ ପୁଷ୍ପ ପ୍ରଦର୍ଶନୀର ଉଲ୍ଲେଖନୀୟ ଭୂମିକା ପାଇଁ ପ୍ରଶଂସା କରିଛନ୍ତି । ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଏହି କାର୍ଯ୍ୟକ୍ରମ ସହରର ସ୍ପନ୍ଦନଶୀଳ ଆତ୍ମା ଏବଂ ପ୍ରକୃତିପ୍ରତି ପ୍ରେମକୁ ପ୍ରଦର୍ଶନ କରେ । ଅହମ୍ମଦାବାଦ ଆନ୍ତର୍ଜାତିକ ପୁଷ୍ପ ପ୍ରଦର୍ଶନୀର ଚତୁର୍ଦ୍ଦଶ ସଂସ୍କରଣ ଗତକାଲି ଆରମ୍ଭ ହୋଇଥିଲା । ଭାରତ ଏକ୍ ଗାଥା ଥିମ୍ ଉପରେ ନିର୍ମିତ ଏହି ପ୍ରଦର୍ଶନୀ ଦେଶର ସମୃଦ୍ଧ ଏବଂ ବିବିଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରେ । ଏହି ପ୍ରଦର୍ଶନୀ ଚଳିତ ମାସ ୨୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ ।

ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍ ସାବରମତି ନଦୀ କୂଳରେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ବିଶ୍ୱର ସର୍ବବୃହତ ପୁଷ୍ପ ମଣ୍ଡଳ, ବିଶ୍ୱ ସର୍ବବୃହତ ପୁଷ୍ପ ପ୍ରତିକୃତି ଏବଂ ଜାତୀୟ ନେତା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଚିତ୍ରିତ କରିବା ପାଇଁ ଦୁଇଟି ଗିନିଜ୍ ବିଶ୍ୱ ରେକର୍ଡ଼ ସ୍ଥାପନ ହେବା ପରେ ଏହି କାର୍ଯ୍ୟକ୍ରମ ଆନ୍ତର୍ଜାତିକ ଦୃଷ୍ଟି ଆକର୍ଷଣ କରିଥିଲା ।

# ନଡ୍ଡା-ଫାର୍ମା କୋପିଆ

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, ଭାରତ ବର୍ତ୍ତମାନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଫାର୍ମା କୋ ଭିଜିଲାନ୍ସ ଅବଦାନରେ ବିଶ୍ୱସ୍ତରରେ ଅଷ୍ଟମ ସ୍ଥାନରେ ରହିଛି । ଯାହା ଦଶବର୍ଷ ପୂର୍ବେ ୧ ୨୩ତମ ସ୍ଥାନରେ ଥିଲା ।

ନୂଆଦିଲ୍ଲୀରେ ଆଜି ଭାରତର ଔଷଧ ମାନକ ପୁସ୍ତକ' ଇଣ୍ଡିଆନ୍ ଫାର୍ମା କୋପିଆ ୨୦୨୬ର ଦଶମ ସଂସ୍କରଣ ଉନ୍ମୋଚନ ଅବସରରେ ମନ୍ତ୍ରୀ ଏହା କହିଛନ୍ତି । ନୂତନ ଭାବେ ଉନ୍ମୋଚିତ ରିପୋର୍ଟ୍‌ରେ ୧୨୧ଟି ମୋନୋଗ୍ରାଫ୍ ସାମିଲ କରାଯିବା ଫଳରେ ଏହା ୩ ହଜାର ୩୪୦କୁ ବୃଦ୍ଧି ପାଇଛି । ଶ୍ରୀ ନଡ୍ଡା ଗୁରୁତ୍ୱାରୋପ କରି କହିଛନ୍ତି, ପ୍ରଥମଥର ପାଇଁ ୨୦ଟି ରକ୍ତ ଉପାଦାନ ମୋନୋଗ୍ରାଫ୍ ସାମିଲ ହେବା ଦ୍ୱାରା ରକ୍ତସ୍ଥାନାନ୍ତର, ଥାଲାସେମିଆ, ହିମୋ ଫିଲିଆ ଏବଂ ରକ୍ତହୀନତା ଉପରେ ଅଧ୍ୟୟନ ଓ ଗବେଷଣାକୁ ବିସ୍ତାର କରିବାରେ ସାହାଯ୍ୟ ମିଳିବ ।

ଶ୍ରୀ ନଡ୍ଡା କହିଛନ୍ତି, ଭାରତ ରକ୍ତ ଉପାଦାନ ଅନ୍ତର୍ଭୁକ୍ତ କରିବାରେ ପ୍ରଥମ ଦେଶ । ନୂତନ ମନୋଗ୍ରାଫ୍ ସିଧାସଳଖ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ, ରକ୍ତହୀନତା ମୁକ୍ତ ଭାରତ ଏବଂ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମକୁ ଲାଭ ପହଞ୍ଚାଇବ ବୋଲି ଶ୍ରୀ ନଡ୍ଡା କହିଛନ୍ତି । ଭାରତୀୟ ଫାର୍ମା କୋପିଆ ଏବେ ଦକ୍ଷିଣ ବିଶ୍ୱର ୧୯ଟି ଦେଶରେ ସ୍ୱୀକୃତିପ୍ରାପ୍ତ ।

# ଫ୍ୟାକ୍ଟ ଚେକ୍-ଇନ୍‌କମ୍‌ଟ୍ୟାକ୍ସ

ଆୟକର ବିଭାଗ' ବ୍ୟକ୍ତିବିଶେଷଙ୍କ ବ୍ୟକ୍ତିଗତ ଡିଜିଟାଲ୍ କାର୍ଯ୍ୟକଳାପ ଅନ୍‌ଲାଇନ୍ ଖର୍ଚ୍ଚ କିମ୍ବା ଜୀବନଶୈଳୀ ଉପରେ ନଜର ରଖେ ବୋଲି ଦାବି କରୁଥିବା ଏକ ପୋଷ୍ଟକୁ ସରକାର ଖଣ୍ଡନ କରିଛନ୍ତି । ପତ୍ରସୂଚନା ବ୍ୟୁରୋର ତଥ୍ୟ ଯାଞ୍ଚ ୟୁନିଟ୍ କହିଛି । ଆୟକର ବିଭାଗ ଦ୍ୱାରା ଏଥିପାଇଁ କୌଣସି ବ୍ୟବସ୍ଥା ସୃଷ୍ଟି କରାଯାଇନାହିଁ । ଏପରି ଦାବିଗୁଡ଼ିକ ମିଥ୍ୟା ଏବଂ ଭ୍ରମାତ୍ମକ । ସରକାର ନାଗରିକମାନଙ୍କୁ ଏପରି ଭୁଲ୍ ସୂଚନା ପ୍ରତି ସତର୍କ ରହିବାକୁ ଏବଂ ବିଶ୍ୱାସ କରିବା ପୂର୍ବରୁ ତଥ୍ୟ ଯାଞ୍ଚ କରିବାକୁ ଅନୁରୋଧ କରିଛନ୍ତି ।

# ପିଆଇବି ଫ୍ୟାକ୍ଟ ଚେକ୍-ଆର୍‌ବିଆଇ

ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ୫୦୦ ଟଙ୍କିଆ ନୋଟ୍ ପ୍ରଚଳନ ବନ୍ଦ କରିବା ସଂକ୍ରାନ୍ତ ମିଥ୍ୟା ଏବଂ ଭିତ୍ତିହୀନ ଖବରକୁ ସରକାର ଖଣ୍ଡନ କରିଛନ୍ତି । ଏଭଳି ଖବର ପ୍ରସାରଣ ପରେ ପ୍ରସାରିତ ହେଉଥିବା ଏକ ସାମାଜିକ ଗଣମାଧ୍ୟମ ଆକାଉଣ୍ଟକୁ ସରକାର ନିଷ୍କ୍ରିୟ କରିଦେଇଛନ୍ତି । ପତ୍ର ସୂଚନା ବ୍ୟୁରୋର ତଥ୍ୟ ଯାଞ୍ଚ ୟୁନିଟ୍ କହିଛି, ଏହି ଦାବିଟି ମିଥ୍ୟା ଏବଂ ଆର୍‌ବିଆଇ ଦ୍ୱାରା ଏଭଳି କୌଣସି ଘୋଷଣା କରାଯାଇନାହିଁ । ୫୦୦ ଟଙ୍କାର ନୋଟ୍ ଏବେ ମଧ୍ୟ ବୈଧ ।

# କୋଚ୍-ହକି ଟିମ୍

ସୋଏର୍ଡ୍ ମାରିଜନେଙ୍କୁ ଭାରତୀୟ ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି । ଆଜି ହକି ଇଣ୍ଡିଆ ପକ୍ଷରୁ ଏହି ଘୋଷଣା କରାଯାଇଛି । ନେଦରଲ୍ୟାଣ୍ଡର ସୋଏର୍ଡ୍ ଭାରତୀୟ ମହିଳାମାନଙ୍କୁ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନ ହାସଲ କରାଇଥିଲେ, ଯାହା ୩୬ ବର୍ଷରୁ ଅଧିକ ସମୟ ମଧ୍ୟରେ ଏହି ଆନ୍ତର୍ଜାତିକ ପ୍ରତିଯୋଗିତାରେ ସେମାନଙ୍କର ଦ୍ୱିତୀୟ ଉପସ୍ଥିତି ଥିଲା । ମୁଖ୍ୟ ପ୍ରଶିକ୍ଷକ ଭାବେ ମାରିଜ୍‌ନେ ୧୪ ଜାନୁଆରୀରେ ଭାରତରେ ପହଞ୍ଚିବେ ଏବଂ ୧୯ ଜାନୁଆରୀରୁ ବେଙ୍ଗାଲୁରୁର ଭାରତୀୟ କ୍ରୀଡ଼ା ପ୍ରାଧିକରଣ – ସାଇରେ ଜାତୀୟ ପ୍ରଶିକ୍ଷକ ଶିବିର ଆରମ୍ଭ ହେବ । ହକି ଇଣ୍ଡିଆ ସଭାପତି ଦିଲୀପ ତୀର୍କି ଆଗାମୀ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଦଳର ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ ନିଯୁକ୍ତିକୁ ତ୍ୱରାନ୍ୱିତ କରିବା ପାଇଁ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଓ ଭାରତୀୟ କ୍ରୀଡ଼ା ପ୍ରାଧିକରଣକୁ କୃତଜ୍ଞତା ଜଣାଇଛନ୍ତି ।

# ଭେନସ୍ ୱିଲିୟମ୍ସ-ଅଷ୍ଟ୍ରେଲିଆନ୍ ଓପନ୍

ଟେନିସ୍‌ରେ ଭେନସ୍ ୱିଲିୟମ୍ସ ୪୫ ବର୍ଷ ବୟସରେ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଅଂଶଗ୍ରହଣ କରିଥିବା ସବୁଠାରୁ ବୟସ୍କ ମହିଳା ଖେଳାଳି ହେବାକୁ ଯାଉଛନ୍ତି । ୭ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିୟାନ୍ ୱିଲିୟମ୍ସ ୧୮ ଜାନୁଆରୀରେ ଆରମ୍ଭ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ପାଇଁ ୱାଇଲ୍ଡକାର୍ଡ୍

ଏଣ୍ଟ୍ରି ପାଇଛନ୍ତି । ଏହି ଆମେରିକୀୟ ଖେଳାଳି ଜାପାନର କିମିକୋ ଡେଟ୍‌ଙ୍କ ରେକର୍ଡ଼୍‌କୁ ଅତିକ୍ରମ କରିବେ । ଯିଏ ୨୦୧୫ରେ ଅଷ୍ଟ୍ରେଲିଆନ୍ ଓପନ୍ ଖେଳିବା ବେଳେ ୪୪ ବର୍ଷ ବୟସର ଥିଲେ ।